# NATIONAL NEWS BULLETIN (ODIA)

**7 October - 2023**

**Mid Bulletin : 1.50 p.m.**

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  କହିଛନ୍ତି ବିଶିଷ୍ଟ କୃଷିବିଜ୍ଞାନୀ ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଏକ ଖାଦ୍ୟ ନିଅଣ୍ଟ ଭାରତକୁ ଖାଦ୍ୟ ବହୁଳ ଭାରତରେ ରୂପାନ୍ତରିତ କରିଥିଲେ ।

- ସିକିମ୍ ଆକସ୍ମିକ ବନ୍ୟାରେ ମୃତ୍ୟୁ ସଂଖ୍ୟା ୨୭ରେ ପହଞ୍ଚିଛି ।

- କେନ୍ଦ୍ରମନ୍ତ୍ରୀ ପରଷୋତ୍ତମ ରୁପାଲା  ମିଲନାଡୁର ରାମନାଥପୁରମ୍ ଜିଲ୍ଲାରେ ନବମ ସାଗର ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

- ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୧୦୦ରେ ପହଞ୍ଚିଛି ।

ଏବଂ

- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀ ଭାରତ ୧୦୦ଟି ପଦକ ପାଇଥିବାରୁ କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପିଏମ୍-ସ୍ୱାମୀନାଥନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ କୃଷିବିଜ୍ଞାନୀ ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନଙ୍କ ଅବଦାନ ଗୁଡ଼ିକର ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ କାର୍ଯ୍ୟ ଏକ ଖାଦ୍ୟ ନିଅଣ୍ଟ ଭାରତକୁ ଖାଦ୍ୟ ବହୁଳ ଭାରତରେ ରୂପାନ୍ତରିତ କରିଥିଲା । 'ନରେନ୍ଦ୍ର ମୋଦୀ ଡଟ୍ ଇନ୍'ରେ ତାଙ୍କର ବ୍ଲଗ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି

ଦେଶ ଜଣେ ଦୂରଦୃଷ୍ଟିସମ୍ପନ୍ନ କୃଷି ବିଜ୍ଞାନୀଙ୍କୁ ହରାଇଛି, ଯାହାଙ୍କର ଅବଦାନ ଗୁଡ଼ିକ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଶ୍ରୀ ମୋଦୀ କହିଛନ୍ତି ୬୦ ଦଶକର ପ୍ରାରମ୍ଭରେ ଭାରତ ଦୁର୍ଭିକ୍ଷର  ସମ୍ମୁଖୀନ ହୋଇଥିଲା ଓ ପ୍ରଫେସର ସ୍ୱାମୀନାଥନଙ୍କ ଦୂରଦୃଷ୍ଟି ଏବଂ ପ୍ରତିଶ୍ରୁତି କୃଷିକ୍ଷେତ୍ରର ସମୃଦ୍ଧିରେ ଏକ ନୂଆ ଯୁଗର ଆରମ୍ଭ କରିଥିଲା । କୃଷିକ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଓ ଗହମ ଉତ୍ପାଦନ ବୃଦ୍ଧି ପାଇଁ ତାଙ୍କର ଅବଦାନ ଯୋଗୁଁ ଦେଶରେ ଗହମ ଉତ୍ପାଦନ ନାହିଁ ନଥିବା ଭାବେ ବୃଦ୍ଧି ପାଇଥିଲା । ସେ କହିଛନ୍ତି ପ୍ରଫେସର ସ୍ୱାମୀନାଥନ୍‌ଙ୍କର ଏହିସବୁ କାର୍ଯ୍ୟ ପାଇଁ ତାଙ୍କୁ ଭାରତର ସବୁଜ ବିପ୍ଳବର ଜନକ  ଆଖ୍ୟା ଦିଆଯାଇଥିଲା ।

ପ୍ରଧାନମନ୍ତ୍ରୀ କହିଛନ୍ତି ସବୁଜ ବିପ୍ଳବର ୫ ଦଶନ୍ଧି ପରେ ଭାରତୀୟ କୃଷିକ୍ଷେତ୍ର ଅଧିକ ଆଧୁନିକ ଓ ବିକଶିତ ହୋଇପାରିଛି । କିନ୍ତୁ ପ୍ରଫେସର ସ୍ୱାମୀନାଥନ୍ ପକାଇଥିବା ଭିତ୍ତିଭୂମି ଚିରଦିନ ସ୍ମରଣୀୟ ହୋଇ ରହିବ । ସେ କହିଛନ୍ତି ଆଜି ସମଗ୍ର ବିଶ୍ୱ 'ଶ୍ରୀ ଅନ୍ନ' ବିଷୟରେ ଚର୍ଚ୍ଚା କରୁଛି । ପ୍ରଫେସର ସ୍ୱାମୀନାଥନ୍ ୧୯୯୦ ଦଶକରୁ 'ଶ୍ରୀଅନ୍ନ' ବିଷୟରେ କହୁଥିଲେ ।

ପ୍ରଫେସର ସ୍ୱାମୀନାଥନଙ୍କ ସହ ତାଙ୍କର ବାର୍ତ୍ତାଳପର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ମୃତ୍ତିକା ଉର୍ବରତା କାର୍ଡ ଯୋଜନା ଉପରେ ସେ ମୂଲ୍ୟବାନ ପରାମର୍ଶ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ୨୦୧୬ ମସିହା ଓ ୨୦୧୭ ମସିହାରେ ଆନ୍ତର୍ଜାତିକ କୃଷି ଜୈବ ବିବିଧତା କଂଗ୍ରେସ ଠାରେ ସେ ପ୍ରଫେସର ସ୍ୱାମୀନାଥନଙ୍କୁ ଭେଟିବାର ସୁଯୋଗ ପାଇଥିଲେ ।

ସେଠାରେ ସେ ତାଙ୍କଦ୍ୱାରା ଲିଖିତ ୨ଟି ପୁସ୍ତକକୁ ଉନ୍ମୋଚନ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଲୋକମାନେ ପ୍ରଫେସର ସ୍ୱାମୀନାଥନଙ୍କୁ ଜଣେ କୃଷି ବୈଜ୍ଞାନିକ ସମ୍ବୋଧନ କରୁଥିଲେ, କିନ୍ତୁ ପ୍ରକୃତରେ ସେ କୃଷକ ବୈଜ୍ଞାନିକ ଥିଲେ ।

# ସିକିମ୍ -ଫ୍ଲଡ୍

ସିକିମ୍ ରାଜ୍ୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ ହଠାତ୍ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୨୭ ହୋଇଥିବାର ନିଶ୍ଚିତ କରିଛି । ହଠାତ୍ ବନ୍ୟାରେ ୧୪୧ ଜଣ ନିଖୋଜ ଅଛନ୍ତି । ଗତ ୪ ତାରିଖରେ ବରଫ ତରଳି ଲୋନାକ୍ ହ୍ରଦରୁ ଅଧିକ ଜଳ ଆସିବା ଯୋଗୁଁ ଆକସ୍ମିକ ବନ୍ୟା ଦେଖାଦେଇଥିଲା । ସେଥିରେ ୧୧୭୩ଟି ବାସଗୃହ ନଷ୍ଟ ହୋଇଯାଇଛି । ଏପର୍ଯ୍ୟନ୍ତ ୨ ହଜାର ୪୧୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ୨୬ ଜଣ ଆହତ ଲୋକ ରହିଛନ୍ତି । ୬ ହଜାର ୮୭୫ ଜଣ ଲୋକ ୨୨ଟି ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି । ଟିଷ୍ଟା ନଦୀ ଅବବାହିକାରେ ବନ୍ୟା ଯୋଗୁଁ ୧୩ଟି ପୋଲ ଧୋଇଯାଇଛି ।

ଏକ ପ୍ରେସ୍ ଇସ୍ତାହାର ଅନୁସାରେ ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ଗତ ସନ୍ଧ୍ୟାରେ ତାଙ୍କ ସରକାରୀ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସେହି ବୈଠକରେ ସୀମା ସଡ଼କ ସଂଗଠନ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ରଘୁ ଶ୍ରୀନିବାସନ୍, ସିକିମ୍ ସରକାରଙ୍କ ମୁଖ୍ୟ ସଚିବ ଭି.ବି. ପାଠକ, ସିକିମ୍ DGP ଏ.କେ. ସିଂ, ସେଭେଣ୍ଟିନ୍ ମାଉଣ୍ଟେନ୍ ଡିଭିଜନ ଡେପୁଟି GOC , ITBP ଡି.ଆଇ.ଜି.,

ସୀମା ସଡ଼କ ସଂଗଠନ ମୁଖ୍ୟ ଇଞ୍ଜିନିୟରଙ୍କ ସମେତ ବହୁ ବରିଷ୍ଠ ଅଫିସର ଯୋଗ ଦେଇଥିଲେ ।

ବୈଠକରେ ସାଂପ୍ରତିକ ସ୍ଥିତି ଉପରେ ସବିସ୍ତୃତ ଆଲୋଚନା ହୋଇଛି । ଭାଙ୍ଗିରୁଜି ଯାଇଥିବା ମୌଳିକ ଢ଼ାଞ୍ଚା ଗୁଡ଼ିକୁ ମରାମତି କରିବା ଓ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରିବା ଉପରେ ସେଥିରେ ଆଲୋଚନା ହୋଇଛି । ଚୁଙ୍ଗଥାଙ୍ଗ ପର୍ଯ୍ୟନ୍ତ ସଡ଼କ ସଂଯୋଗ ବ୍ୟବସ୍ଥା ସ୍ଥାପନକୁ ଅଗ୍ରାଧିକାର ଦିଆଯିବା ସହ ନାଗା ଠାରୁ ତୁଙ୍ଗ୍ ପର୍ଯ୍ୟନ୍ତ ସଡ଼କର ନିର୍ମାଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

## ସାଗର ପରିକ୍ରମା

ମତ୍ସ୍ୟ ପାଳନ, ପଶୁ ପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପରଷୋତ୍ତମ ରୁପାଲା ଓ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ନବମ ପର୍ଯ୍ୟାୟ ସାଗର ପରିକ୍ରମା କାର୍ଯ୍ୟକ୍ରମକୁ ତାମିଲନାଡୁର ରାମନାଥପୁରମ୍ ଜିଲ୍ଲାର ଥୋଣ୍ଡି ମତ୍ସ୍ୟପାଳନ କେନ୍ଦ୍ରଠାରେ ଆରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ରୁପାଲା କହିଛନ୍ତି ମତ୍ସ୍ୟ ପାଳନରେ ତାମିଲନାଡୁ ଦେଶର ଏକ ପ୍ରମୁଖ ରାଜ୍ୟ । ସେ କହିଛନ୍ତି ରାଜ୍ୟର ମତ୍ସ୍ୟ ପାଳନ କ୍ଷେତ୍ରର ଦେଶର ଅର୍ଥନୈତିକ ବିକାଶରେ ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ଲାଗୁ କରାଯାଇଥିବା ବିଭିନ୍ନ ଯୋଜନା ବିଷୟରେ ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେଉଁ ମତ୍ସ୍ୟଜୀବୀମାନେ କିଷାନ କ୍ରେଡିଟ୍ କାର୍ଡ ପାଇଁ ଆବେଦନ କରିଛନ୍ତି, ସେମାନଙ୍କୁ ଏହା ଶୀଘ୍ର ଦିଆଯିବ । ଥୋଣ୍ଡି ଠାରେ ମତ୍ସ୍ୟପାଳନ କେନ୍ଦ୍ର ସ୍ଥାପନ ପାଇଁ ପ୍ରକଳ୍ପର

ସବିସ୍ତୃତ ବିବରଣୀ ଦାଖଲ କରିବାକୁ ସେ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେଉଁ ମତ୍ସ୍ୟଜୀବୀମାନେ ଜାଲ ବୁଣିବା କାର୍ଯ୍ୟ କରୁଛନ୍ତି ଓ ଡଙ୍ଗା ନିର୍ମାଣ କରୁଛନ୍ତି, ସେମାନେ ବିଶ୍ୱକର୍ମା ଯୋଜନାରୁ ଲାଭାନ୍ୱିତ ହେବେ । ମନ୍ତ୍ରୀ କହିଛନ୍ତି ସରକାର ଉପକୂଳ ଅଞ୍ଚଳର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରୁଛନ୍ତି ।

ସେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ସହ ବାର୍ତ୍ତାଳାପ କରି ସେଠାରେ ଚାଲିଥିବା ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି । ତାଞ୍ଜାପୁର ଜିଲ୍ଲାରେ ଉଭୟ ମନ୍ତ୍ରୀ ମିଳିତ ଭାବେ ମତ୍ସ୍ୟଚାଷୀ ସମବାୟ ସମିତିକୁ ଉଦ୍‌ଘାଟନ କରିଛନ୍ତି ।

ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନ କହିଛନ୍ତି ସାଗର ପରିକ୍ରମା ଯୋଜନା ୬ ମାସ ପୂର୍ବେ ଗୁଜରାଟରେ ଆରମ୍ଭ ହୋଇଥିଲା ଓ ଧୀରେ ଧୀରେ ଏହା ଦେଶର ସମସ୍ତ ଉପକୂଳବର୍ତ୍ତୀ ଅଞ୍ଚଳକୁ ସଂପ୍ରସାରିତ ହୋଇଛି । ସେ କହିଛନ୍ତି ଦେଶର ଉପକୂଳ ଅଞ୍ଚଳକୁ ଗସ୍ତ କରି ମତ୍ସ୍ୟଜୀବୀମାନଙ୍କ ସହ ବାର୍ତ୍ତାଳାପ କରିବା ପାଇଁ ତାଙ୍କୁ ସୁଯୋଗ ମିଳିଥିବାରୁ ସେ ଆନନ୍ଦ ଅନୁଭବ କରୁଛନ୍ତି । ସେ କହିଛନ୍ତି କେନ୍ଦ୍ର ସରକାରଙ୍କର କଲ୍ୟାଣମୂଳକ ଯୋଜନା ଗୁଡ଼ିକରୁ ସେହି ମତ୍ସ୍ୟଜୀବୀମାନେ ଉପକୃତ ହେଉଛନ୍ତି । ସାଗର ପରିକ୍ରମା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ସୋମବାର ଦିନ ଏହା ଚେନ୍ନାଇରେ ସମାପ୍ତ ହେବ ।

## ଜିଏସ୍‌ଟି କାଉନସିଲ୍ ମିଟିଂ

ନୂଆଦିଲ୍ଲୀରେ ୫୨ ତମ GST ବୈଠକ ଚାଲିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । ଏଥିରେ ଅର୍ଥରାଷ୍ଟ୍ରମନ୍ତ୍ରୀ

ପଙ୍କଜ ଚୌଧୁରୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକର ବରିଷ୍ଠ ଅଫିସରମାନେ ଯୋଗ ଦେଇଛନ୍ତି ।

---

# ଏସିଆନ୍ ଗେମ୍ସ

ଏସୀୟ କ୍ରୀଡ଼ାରେ ଭାରତର ପଦକ ସଂଖ୍ୟା ୧୦୦ରେ ପହଞ୍ଚିଛି । ତା' ମଧ୍ୟରେ ୨୫ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ ଓ ୪୦ଟି ବ୍ରୋଞ୍ଜ ପଦକ ରହିଛି । ମହିଳା କବାଡ଼ି ଫାଇନାଲ୍ ପ୍ରତିଯୋଗିତାରେ ଓ ତୀର ଚାଳନା କମ୍ପାଉଣ୍ଡ୍ ପୁରୁଷ ପ୍ରତିଯୋଗିତାରେ ସର୍ବଶେଷ ପଦକ ମିଳିଛି । ଭାରତ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶର କ୍ରୀଡ଼ାବିତ୍‌ମାନେ ୧୦୦ ପଦକ ହାସଲ କରିବା ସହ ଏହା ଦେଶକୁ ଗୌରବ ଆଣିଦେଇଛି । କ୍ରୀଡ଼ାବିତ୍‌ମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ପ୍ରଧାନମନ୍ତ୍ରୀ ସେମାନଙ୍କ ପାଇଁ ଏକ ବୈଠକର ଆୟୋନ କରିବେ ଓ ସେମାନଙ୍କ ସହ ବାର୍ତ୍ତାଳାପ କରିବେ ।

ମହିଳା କବାଡ଼ି ଟିମ୍ ଭାରତ ପାଇଁ ୧୦୦ତମ ପଦକ ହାସଲ କରିଛି । ଏକ ପ୍ରତିଯୋଗିତାମୂଳକ ମ୍ୟାଚ୍‌ରେ ଭାରତ' ତାଇପେଇ କୁ ୨୬-୨୫ରେ ପରାସ୍ତ କରିଛି । ଏହି ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଏହି ବିଜୟ ଭାରତୀୟ ମହିଳା କ୍ରୀଡ଼ାବିତମାନଙ୍କ ଅଦମ୍ୟ କ୍ରୀଡ଼ା ଭାବନାର ପ୍ରତୀକ ।

ପୁରୁଷ କବାଡ଼ି ଟିମ୍ ଆଜି ଅପରାହ୍ନରେ ସ୍ୱର୍ଣ୍ଣପଦକ ପାଇଁ ଇରାନ ବିପକ୍ଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ ।

ତୀରଚାଳନା ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ଫାଇନାଲ୍‌ରେ ଓଜୋଶ ଦେଓତାଲେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ବେଳେ ଅଭିଷେକ ବର୍ମା ରୌପ୍ୟ ପଦକ ହାସଲ କରିଛନ୍ତି । ଦେଓତାଲେ ୨ ପଏଣ୍ଟ ଅଧିକ ପାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେ ସର୍ବାଧିକ ୧୪୯ ପଏଣ୍ଟ ପାଇଛନ୍ତି । ଏହା ସହିତ ତୀର ଚାଳନାରେ ଭାରତର ପ୍ରତିଯୋଗିତା ସମାପ୍ତ ହୋଇଛି ।

ଆଜି ସକାଳେ ଅନୁଷ୍ଠିତ ପ୍ରତିଯୋଗିତାରେ ମହିଳା ତୀରଚାଳନା କମ୍ପାଉଣ୍ଡ ମ୍ୟାଚ୍ ଗୁଡ଼ିକରେ ଭାରତ ଉଭୟ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି । ଜ୍ୟୋତି ସୁରେଖା ବେନାମ୍ ଫାଇନାଲ୍‌ରେ ୧୪୯ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ସେ ଦକ୍ଷିଣ କୋରିଆର ଚାୟେ ଓନ୍ ଶୋ ଙ୍କ ବିପକ୍ଷରେ ଖେଳିଥିଲେ ।

ଆଦିତି ଗୋପୀଚାନ୍ଦ ସ୍ୱାମୀ ମଧ୍ୟ ଉତ୍ତମ କ୍ରୀଡା କୌଶଳର ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେ ଇଣ୍ଡୋନେସିଆର ରତି ଜିଲିଜାତି ଫାଧଲି ଙ୍କୁ ୧୪୬-୧୪୦ରେ ପରାସ୍ତ କରିଛନ୍ତି ।

ଇତିମଧ୍ୟରେ ପୁରୁଷ କ୍ରିକେଟ୍ ଟିମ୍ ବର୍ତ୍ତମାନ ଆଫଗାନିସ୍ତାନ ବିପକ୍ଷରେ ଫାଇନାଲ୍ ମ୍ୟାଚ୍ ଖେଳୁଛି । ଭାରତ ଟସ୍ ଜିଣି ଆଫଗାନିସ୍ତାନକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

ଭାରତୀୟ ମହିଳା କ୍ରିକେଟ୍ ଟିମ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇସାରିଛି ।

କୁସ୍ତିରେ ୭୪ କିଲୋଗ୍ରାମ ବର୍ଗରେ ଜଶ୍' କାମ୍ବୋଡ଼ିଆର ଛିଆଙ୍ଗ ଛେଓନ୍‌ଙ୍କ ବିପକ୍ଷରେ ଖେଳିବେ । ଦୀପକ ପୁନିଆ' ଉଜ୍‌ବେକିସ୍ତାନର ଜାବ୍ରେଲ୍ ସାପିଏବ୍ ଙ୍କୁ ୮୬ କିଲୋଗ୍ରାମ ପୁରୁଷ ଫ୍ରି ଷ୍ଟାଇଲ୍ ସେମିଫାଇନାଲ୍‌ରେ ୪-୩ରେ ପରାସ୍ତ କରି ଫାଇନାଲ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ଭାରତ ପାଇଁ ଏକ ପଦକ ବିଜୟୀ ହେବାର ନିଶ୍ଚିତ ହୋଇଛି । ଆଜି ଫାଇନାଲ୍‌ରେ ସେ ଇରାନର ହାଶନ୍ ୟାଜ୍‌ଦାନି ଙ୍କୁ ଭେଟିବେ ।

ବ୍ୟାଡମିଣ୍ଟନ୍ ପୁରୁଷ ଡବଲ୍‌ସ ପ୍ରତିଯୋଗିତାରେ ଚିରାଗ୍ ସେଟ୍ଟୀ ଓ ସାତ୍ୱିକ ସାଇରାଜ୍ ର୍ୟାଙ୍କିରେଡି ସ୍ୱର୍ଣ୍ଣପଦକ ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ସେମାନେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବେ ।

ଭାରତ ଏସୀୟ କ୍ରୀଡ଼ାରେ ଶହେଟି ପଦକ ହାସଲ କରିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।